## ସଂକ୍ଷେପରେ

### ବ୍ରାହ୍ମଣୀ ଡଙ୍ଗାବୁଡ଼ି ଘଟଣା: ଦୁଃଖ ପ୍ରକାଶ କଲେ ଧର୍ମେନ୍ଦ୍ର




ଭୁବନେଶ୍ୱର, ୮।୯(ବ୍ୟୁରୋ)-ବ୍ରାହ୍ମଣୀ ଡଙ୍ଗାବୁଡ଼ି ଘଟଣାକୁ ନେଇ ଗଭୀର ଦୁଃଖ ପ୍ରକାଶ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସେ ଟୁଇଟ୍ କରି କହିଛନ୍ତି, ବ୍ରାହ୍ମଣୀରେ ନୌକା ବୁଡ଼ିଯାଇ ପରଜଙ୍ଗ ବ୍ଲକର କେତେଜଣ ଲୋକ ନିଖୋଜ ଥିବା ଖବର ଶୁଣି ସେ ଦୁଃଖିତ। ସମସ୍ତେ ଶୀଘ୍ର ଉଦ୍ଧାର ହୁଅନ୍ତୁ ବୋଲି ଧର୍ମେନ୍ଦ୍ର ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି।

### ପୋଖରୀରେ ବୁଡ଼ିଗଲେ ନାବାଳିକା

କାମାକ୍ଷାନଗର, ୮।୯(ଡି.ଏନ.ଏ.)- କଙ୍କଡ଼ାହାଡ଼ ଥାନା କମ୍ପୁଲେଇ ଗ୍ରାମରେ ଖୁଦୁରୁକୁଣୀ ପୂଜା ଚାଲିଥିବାବେଳେ ରବିବାର ଦୁଃଖଦ ଘଟଣା ଘଟିଛି। ହୃଦାନନ୍ଦ ସାହୁଙ୍କ ଝିଅ ଲକ୍ଷ୍ମୀପ୍ରିୟା (୧୪) ପୋଖରୀରେ ବୁଡ଼ିଯାଇ ପ୍ରାଣ ହରାଇଛନ୍ତି। ଲକ୍ଷ୍ମୀପ୍ରିୟା ସାଙ୍ଗସାଥୀଙ୍କ ସହ ପୋଖରୀକୁ ଗାଧୋଇବାକୁ ଯାଇଥିବାବେଳେ ଅସାବଧାନତାବଶତଃ ଗୋଡ଼ ଖସିଯାଇଥିଲା। ଫଳରେ ସେ ଗଭୀର ପାଣିରେ ବୁଡ଼ି ଯାଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କଙ୍କଡାହାଡ଼ ପୋଲିସ ମୃତଦେହ ଜବତ କରିଛି। ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି।

### ଜେଠମାଲାନିଙ୍କ ବିୟୋଗରେ ଶୋକ

ଢେଙ୍କାନାଳ ଅଫିସ, ୮।୯-ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ସୁପ୍ରିମକୋର୍ଟର ବରିଷ୍ଠ ଆଇନଜୀବୀ ରାମ ଜେଠମାଲାନୀଙ୍କ ବିୟୋଗରେ ରବିବାର ଢେଙ୍କାନାଳ ଭାଜପା ପକ୍ଷରୁ ଶୋକପ୍ରକାଶ ପାଇଛି। ବରିଷ୍ଠ ନେତା ରୁଦ୍ରନାରାୟଣ ପାଣି, ବିଭୂତି ଭୂଷଣ ପ୍ରଧାନ, କୃଷ୍ଣଚନ୍ଦ୍ର ପାତ୍ର, ନରେଶ ଚନ୍ଦ୍ର ମହାପାତ୍ର, ଶତ୍ରୁଘ୍ନ ଜେନା, ନବକିଶୋର ଗୁରୁ, ପ୍ରେମାନନ୍ଦ ଜେନା, ମାତୃପ୍ରସାଦ ନନ୍ଦ ପ୍ରମୁଖ ଦିବଂଗତ ଆତ୍ମାର ସଦ୍‌ଗତି କାମନା କରିଥିଲେ। ଜେଠମାଲାନୀଙ୍କ ପରଲୋକ ଅପୂରଣୀୟ କ୍ଷତି। ଦେଶ ଜଣେ ବୁଦ୍ଧିମତା ସମ୍ପନ୍ନ ଆଇନଜୀବୀଙ୍କୁ ହରାଇଲା ବୋଲି ମତପ୍ରକାଶ ପାଇଥିଲା।

### କ୍ଷୟକ୍ଷତି ବୁଝିଲେ ବିଧାୟକ

କଣିହାଁ, ୮।୯(ଡି.ଏନ.ଏ.)- ବର୍ଷାଯୋଗୁ କ୍ଷତିଗ୍ରସ୍ତ ହୋଇଥିବା ତାଳଚେର ଓ ପାଲଲହଡ଼ା ବିଧାନସଭା ଅଧୀନ କଣିହାଁ ବ୍ଲକ ଅଞ୍ଚଳ ପରିଦର୍ଶନ କରିଛନ୍ତି ଦୁଇ ବିଧାୟକ ବ୍ରଜକିଶୋର ପ୍ରଧାନ ଓ ମୁକେଶ ପାଲ। ବିଧାୟକ ବିଭିନ୍ନ ଗ୍ରାମକୁ ଯାଇ ବିଧାୟକ ଲୋକଙ୍କ ଅସୁବିଧା ପଚାରି ବୁଝିଛନ୍ତି। କଣିହାଁ ହାଇସ୍କୁଲରେ କୋଠା ଭାଙ୍ଗିଥିବା ସ୍ଥାନ ବୁଲି ଦେଖିଛନ୍ତି। ସେହିପରି ହଟିଂରେ ଘର ଭାଙ୍ଗିବା, ରାଜରାସ୍ତା ନିର୍ମାଣଜନିତ ତ୍ରୁଟି ଯୋଗୁ ଝରାବେରେଣୀ ଗ୍ରାମରେ ପାଣି ଜମିବା ସହ ରେଙ୍ଗାଳି ଡ୍ୟାମରୁ ବନ୍ୟାଜଳ ନିଷ୍କାସନର ଅନୁଧ୍ୟାନ କରିଥିଲେ। ଅନ୍ୟପକ୍ଷରେ ଡେରେଙ୍ଗ-କଣିହାଁ ରାସ୍ତାରେ ଏନ୍‌ଟିପିସି ପାଉଁଶ ପାଣି ଜମିବାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ତାଳଚେର ଉପଖଣ୍ଡ ପୂର୍ତ୍ତ ରାସ୍ତା ଅଧିକାରୀ ଦାମୋଦର କୈବର୍ତ୍ତ କହିଛନ୍ତି, ସମସ୍ୟା ବାବଦରେ ଏନ୍‌ଟିପିସି କର୍ତ୍ତୃପକ୍ଷଙ୍କ ସହ ସରକାରୀ ବିଭାଗ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ସୋମବାର ଚିଠି କରାଯିବ।

### ମୃତକଙ୍କ ସ୍ମୃତିରେ ରକ୍ତଦାନ ଶିବିର

ମାଧପୁର, ୮।୯- ମହାରାଜା ବସ୍ ଦୁର୍ଘଟଣାରେ ପ୍ରାଣ ହରେଇଥିବା ମୃତକଙ୍କ ସ୍ମୃତି ଉଦ୍ଦେଶ୍ୟରେ ୯ ତାରିଖରେ ମାଧପୁର କ୍ରୀଡା ସଂସଦ ତରଫରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଏବଂ ସନ୍ଧ୍ୟାରେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହେବାକୁ ସ୍ଥିର ହୋଇଛି। ଏଥିସହ ବିଭିନ୍ନ ସ୍ଥାନରେ ଶ୍ରଦ୍ଧାଞ୍ଜଳି ସଭା, ବୃକ୍ଷରୋପଣ ଆଦି କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ଜଣାଯାଇଛି।

■ଖୁଦୁରୁକୁଣୀ ପୂଜା ପାଇଁ ପରଜଙ୍ଗ ଉତ୍ସବମୁଖର

# ୧୦୦ ମଣ୍ଡପରେ ମଙ୍ଗଳାଙ୍କ ପୂଜା

ପରଜଙ୍ଗ, ୮।୯(ଡି.ଏନ୍.ଏ.)



ଖୁଦୁରୁକୁଣୀ ପୂଜା ପାଇଁ ଉତ୍ସବ ମୁଖର ହୋଇଉଠିଛି ଢେଙ୍କାନାଳ ଜିଲାର ପରଜଙ୍ଗ। ବ୍ଲକର ୩୦ ପଞ୍ଚାୟତର ୧୦୦ରୁ ଉର୍ଦ୍ଧ୍ୱ ମଣ୍ଡପରେ ମା' ମଙ୍ଗଳାଙ୍କ ପୂଜାର୍ଚ୍ଚନା କରାଯାଉଛି। ରଙ୍ଗବେରଙ୍ଗ ଆଲୋକମାଳା, ସୁସଜ୍ଜିତ ମଣ୍ଡପ ପ୍ରମୁଖ ଆକର୍ଷଣ ସାଜିଥିବାବେଳେ ଶତାଧିକ କୁମାରୀ ଏଥିରେ ସାମିଲ ହୋଇଛନ୍ତି।

ଖୁଦୁରୁକୁଣୀ ପୂଜା ପାଇଁ ପରଜଙ୍ଗ ଗ୍ରାମରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି। ରଙ୍ଗବେରଙ୍ଗ ଗେଟ୍‌ରେ ଝଲସି ଉଠିଛି ପୂଜାମଣ୍ଡପ। ଏଥିସହ ମୀନାବଜାର ଦୋଳିର ମଜାନେବାକୁ ପିଲାମାନଙ୍କ ମଧ୍ୟରେ ଖାସ୍ ଉତ୍ସାହ ଦେଖିବାକୁ ମିଳିଛି। ପୂଜା ଦେଖିବାକୁ ଆସୁଥିବା ଦର୍ଶକମାନେ ଚଟ୍‌ପଟି ଖାଦ୍ୟର ମଜା ନେଉଛନ୍ତି। ସାଦନପଦା ସାହି, ବଜାର ସାହି, ଗଡ଼ଭିତର ସାହିରେ ହୋଇଥିବା ପୂଜାମଣ୍ଡପ ବେଶ୍ ମନୋଲୋଭା ହୋଇଛି। ଆସନ୍ତା ବୁଧବାର ଭସାଣି ଉତ୍ସବ ଅନୁଷ୍ଠିତ ହେବ ବୋଲି ମିଳିତ ପୂଜା କମିଟି ପକ୍ଷରୁ ସୂଚନା ଦିଆଯାଇଛି। ପରଜଙ୍ଗର ଖୁଦୁରୁକୁଣୀ ପୂଜା ସାରା ଜିଲାରେ ପ୍ରସିଦ୍ଧ। ଭାଇଙ୍କ ଶୁଭମନାସି ଭଉଣୀମାନେ ନିଷ୍ଠାର ସହ ବ୍ରତ ରଖି ଏହାକୁ ପାଳନ କରିଥାନ୍ତି। ଏହାକୁ ନେଇ ଘରେ ଘରେ ବନ୍ଧୁବାନ୍ଧବଙ୍କ ଭଡ଼ ଜମିଛି। ପ୍ରବଳ ବର୍ଷା ସତ୍ତ୍ୱେ ପୂଜାମଣ୍ଡପରେ ଭିଡ଼ ଜମୁଛି।

## ଜୋନସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

ମାଧପୁର, ୮।୯

ଆଠମଲ୍ଲିକ ବ୍ଲକ ମାଧପୁର ଜୋନ ଟୁସର ଉଚ୍ଚ ବିଦ୍ୟାଳୟଠାରେ ଜୋନସ୍ତରୀୟ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଆଠମଲ୍ଲିକ ଜୋନର ସଭାପତି ତଥା ମାଧପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦେବରାଜ ନାୟକ ପ୍ରତିଯୋଗିତା ଉଦ୍‌ଘାଟନ କରିଥିଲେ। ଏଥିରେ ମାଧପୁର ଜୋନର ସମସ୍ତ ଉଚ୍ଚ ବିଦ୍ୟାଳୟର କ୍ରୀଡା ଶିକ୍ଷକମାନେ ଯୋଗ ଦେଇଥିଲେ। ମୋଟ ୮୦ ଜଣ ଛାତ୍ରୀଛାତ୍ର ଫୁଟବଲ, କବାଡି, ଖୋଖୋ ଆଦି ଖେଳରେ ଅଂଶଗ୍ରହଣ କରିଥିଲେ। ମାଧପୁର ଜୋନର ସମ୍ପାଦକ ତଥା ମାଧପୁର ଉଚ୍ଚ ବିଦ୍ୟାଳୟର କ୍ରୀଡା ଶିକ୍ଷକ ଶରତ କୁମାର ସାହୁଙ୍କ ତତ୍ତ୍ୱବଧାନରେ ଏହିକାର୍ଯ୍ୟକ୍ରମରେ ଅବସରପ୍ରାପ୍ତ କ୍ରୀଡ଼ାଶିକ୍ଷକ ଭବାନୀ ଶଙ୍କର ମିଶ୍ର, କିଆକଟା ଉଚ୍ଚ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ବିନୋଦ କୁମାର ପ୍ରଧାନ, ସରୋଜ କୁମାର ପ୍ରଧାନ, ଗୁପ୍ତେଶ୍ୱର ସାହୁ, ବିପ୍ଳବ ମହାଖୁଡ ପ୍ରମୁଖ ଉପସ୍ଥିତ ଥିଲେ। ଟୁସର ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବୀରବର ରାଉତ ଏବଂ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ କର୍ମଚାରୀ ସହଯୋଗ କରିଥିଲେ।

# ଜରପଡାକୁ ବ୍ଲକ ମାନ୍ୟତା ଦାବି



ବୈଠକରେ ଉପସ୍ଥିତ ପରିଷଦ କର୍ମକର୍ତ୍ତା, ସଦସ୍ୟମାନେ।

ଛେଣ୍ଡିପଦା,୮।୯(ଡି.ଏନ.ଏ.)

ଜରପଡ଼ାକୁ ବ୍ଲକ ମାନ୍ୟତା ଦାବି କରିଛି ଜରପଡ଼ା ଆଞ୍ଚଳିକ ବିକାଶ ପରିଷଦ। ଏ ନେଇ ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀ ଜରପଡା ହାଇସ୍କୁଲ ପରିସରରେ ରବିବାର ଆଞ୍ଚଳିକ ବିକାଶ ପରିଷଦ ଆନୁକୂଲ୍ୟରେ ଏକ ବୈଠକ ବସିଥିଲା। ପରିଷଦ ସଭାପତି ତଥା ପୂର୍ବତନ ସରପଞ୍ଚ ନାରାୟଣ ସାହୁଙ୍କ ଆହ୍ୱାନକ୍ରମେ ଆୟୋଜିତ ବୈଠକରେ ଜରପଡା ଅଞ୍ଚଳକୁ ଏକ ନୂତନ ବ୍ଲକ ମାନ୍ୟତା ପ୍ରଦାନ ନିମନ୍ତେ ଆଲୋଚନା ହୋଇଥିଲା। ବିଶେଷ କରି ଜରପଡା, ଦୁର୍ଗାପୁର, କୋରଡା, ବାଲିପଟା, କୁଶକିଳା, ବରପଦା, ଜେରେଙ୍ଗ ଦେହୁରୀ ସାହି, କତଡା, ପରା, ଓଗୀ, ଡୁକୁଡା, କଞ୍ଚାରା, ବଡହିନ୍ଦ୍ରର, ଜରଡା, ସାଆନ୍ତରାପୁର, ଡୁବେ, ବଡକେରେଜାଙ୍ଗ, ସାନକେରେଜାଙ୍ଗ, ଅନ୍ତୁଳିଆ ଆଦି ପଞ୍ଚାୟତକୁ ନେଇ ଉପରୋକ୍ତ ବ୍ଲକ ଗଠନ କରାଯିବା ପାଇଁ ସର୍ବସମ୍ମତି କ୍ରମେ ପ୍ରସ୍ତାବ ଆଗତ କରଯାଇଥିଲା। ଏ ଦିଗରେ ରାଜ୍ୟ ସରକାର ତଥା ପଞ୍ଚାୟତରାଜ ବିଭାଗ ବିହିତ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦୃଢ ଦାବି କରିଛନ୍ତି। ସରକାର ଏ ଦିଗରେ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ବୈଠକରେ ସମସ୍ତ ପଞ୍ଚାୟତସ୍ତରୀ ନିର୍ବାଚିତ ପ୍ରତିନିଧି,ବୁଦ୍ଧିଜୀବୀ ଶିକ୍ଷାବିତ, ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

## ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା



ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଉଛି।

ଢେଙ୍କାନାଳ ଅଫିସ, ୮।୯

ଢେଙ୍କାନାଳ ଜିଲା ଷଡ଼ଙ୍ଗୀ କ୍ଲଷ୍ଟର ଷଡ଼ଙ୍ଗୀ ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିର୍ମଳ କୁମାର ମିଶ୍ରଙ୍କୁ ଅବସରକଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଶିକ୍ଷକ ନରୋତ୍ତମ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଦେଓଗାଁ ସ୍କୁଲର ପ୍ରଧାନ ଶିକ୍ଷକ ହରିହର ସାହୁ, ପ୍ରାକ୍ତନ ସିଆରସିସି ନରେନ୍ଦ୍ର ତ୍ରିପାଠୀ ଅତିଥି ଭାବେ ଯୋଗଦେଇ ବିଦାୟୀ ଶିକ୍ଷକଙ୍କ କର୍ମମୟଜୀବନର ସ୍ମୃତିଚାରଣ କରିଥିଲେ। ଶିକ୍ଷକ ଅକ୍ଷୟ ମିଶ୍ର, ଅଜିତ ରାଉତ, ପ୍ରଧାନ ଶିକ୍ଷକ କୃଷ୍ଣଚନ୍ଦ୍ର ସାହୁ, ଗିରୀଶ ଚନ୍ଦ୍ର ଭୂତିଆ, ମଞ୍ଜୁଲତା ମହାନ୍ତି, ଅକ୍ଷୟ କୁମାର ସାହୁ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ପୃଥ୍ୱୀରାଜ ନାୟକ ବିଦାୟ ସଙ୍ଗୀତ ଗାନ କରିଥିବାବେଳେ ବିମଳ କିଶୋର ବିହାରୀ ଧନ୍ୟବାଦ ଦେଇଥିଲେ।

## ନକଲି ପ୍ରଦୂଷଣ ଯାଞ୍ଚ ପ୍ରମାଣପତ୍ର କାରବାର: ୩ ଗିରଫ

ରାଇରଙ୍ଗପୁର,୮।୯(ଡି.ଏନ.ଏ.)

ନୂଆ ମୋଟର ଯାନ ଆଇନ ଲାଗୁ ପରେ ବିଭିନ୍ନ ଗାଡିର ନକଲି ପ୍ରମାଣପତ୍ର କାରବାର ବୃଦ୍ଧି ପାଇଛି। ଗାଡି ଚାଳକଙ୍କୁ ନକଲି ପ୍ରଦୂଷଣ ଯାଞ୍ଚ ପ୍ରମାଣପତ୍ର ଯୋଗାଇବା ଅଭିଯୋଗ କ୍ରମେ ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ମଡେଲ ଥାନା ପୋଲିସ ଚଢାଉ କରି ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏ ନେଇ ପୋଲିସ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି।

ପ୍ରଦୂଷଣ ପ୍ରମାଣପତ୍ର ନ ଥିଲେ ବାଇକ ଲାଗି ୫ ହଜାର ଏବଂ ୪ ଚକିଆ ଯାନ ଲାଗି ୧୦ ହଜାରଟଙ୍କା ଜରିମାନା ଆଦାୟ କରାଯାଉଥିବାରୁ ଗାଡିଚାଳକମାନେ ବିଭିନ୍ନ ପ୍ରଦୂଷଣଯାଞ୍ଚ କେନ୍ଦ୍ରରେ ଭିଡ ଜମାଉଛନ୍ତି। ଏହାର ସୁଯୋଗ ନେଇ ମୟୂରଭଞ୍ଜ ଜିଲାରେ ଲୋକଙ୍କୁ ନକଲି ପ୍ରମାଣପତ୍ର ଯୋଗାଇ ଅର୍ଥ ରୋଜଗାର କରାଯିବା ଘଟଣା ପଦାକୁ ଆସିଛି। ପୋଲିସ ଏ ସଂକ୍ରାନ୍ତରେ ସୂଚନା ପାଇବା ପରେ ଚଢାଉ କରି ସ୍ଥାନୀୟ ବିକାଶନଗର ବସ୍ତି ଅଞ୍ଚଳରୁ ରୂପକ କୁମାର ମହାନ୍ତ, ଦୁର୍ଗାଚରଣ ମହାନ୍ତ ଏବଂ ବହଳଦା ଥାନା ତିଖିଆ ଗ୍ରାମର ସିପୁନ ମହାନ୍ତଙ୍କୁ ଗିରଫ କରିଛି। ସେମାନେ ନକଲି ସାର୍ଟିଫିକେଟ ଦେବା ଲାଗି ବ୍ୟବହାର କରୁଥିବା ଏକ କମ୍ପ୍ୟୁଟର ଓ ବିଭିନ୍ନ କାଗଜପତ୍ର ଜବତ କରାଯାଇଛି। ଅଭିଯୁକ୍ତମାନେ ମହୁଲଡିହା ବସ୍ତି ଅଞ୍ଚଳରେ ଏକ ଘରେ କାଉଣ୍ଟର ଖୋଲି ବିଭିନ୍ନ ଯାନବାହନ ସକାଶେ ପ୍ରଦୂଷଣ ଯାଞ୍ଚ ପ୍ରମାଣପତ୍ର ଯୋଗାଥିଲେ। ସେମାନେଅନେକ ଗାଡି ଚାଳକଙ୍କୁ ନକଲି ପ୍ରମାଣପତ୍ର ଦେଇ ଠକିଥିବା ସନ୍ଦେହ କରି ଯାଞ୍ଚ କରାଯାଉଛି ବୋଲି ମଡେଲ ଥାନା ଅଧିକାରୀ ରଞ୍ଜନ କୁମାର ସେଠୀ ସୂଚନା ଦେଇଛନ୍ତି।

## କନଷ୍ଟେବଲଙ୍କ ଅଡିଓ ଭାଇରାଲ

ବଡସାହି,୮।୯(ସ୍ୱ.ପ୍ର.)

ମୟୂରଭଞ୍ଜ ଜିଲା ପୋଲିସର ଜଣେ କନଷ୍ଟେବଲଙ୍କ ବାର୍ତ୍ତାଳାପର ଅଡିଓ ଭାଇରାଲ ହୋଇ ଚର୍ଚ୍ଚାକୁ ଆସିଛି। ଜମି କିଣାବିକା କରି ଲକ୍ଷାଧିକ ଟଙ୍କା ରୋଜଗାର କରୁଥିବା ଜଣେ କୋଟିପତି କନଷ୍ଟେବଲ ଚାକିରିରେ ଥାଇ ନିଜ ବ୍ୟବସାୟକୁ ଗୁରୁତ୍ୱ ଦେଇ କାର୍ଯ୍ୟ କରୁଥିବା ଏଥିରୁ ଜଣାପଡିଛି। ସେ ନିଜ ପତ୍ନୀଙ୍କ ନାମରେ ବାରିପଦା ସହର ସମେତ ବିଭିନ୍ନ ସ୍ଥାନରେ ଜାଗା କିଣି ଦଲାଲ ମାଧ୍ୟମରେ ବିକ୍ରି କରୁଛନ୍ତି । ସମ୍ପୃକ୍ତ କନଷ୍ଟେବଲ ୧କୋଟି ଟଙ୍କା ମୂଲ୍ୟର ଜମି କିଣିବା ନେଇ ଦଲାଲଙ୍କ ମାଧ୍ୟମରେ ମୂଲଚାଲ କରିବା ଅଡିଓ ଏଠାରେ ଭାଇରାଲ ହୋଇଛି। ଜିଲାର କୌଣସି ଏକ ଥାନାର ପୋଲିସ ଚାକିରି କରି ଲୋକଙ୍କୁ ନାଲି ଆଖି ଦେଖାଇବା ସହ କେତେକ ଅସାଧୁ ବ୍ୟକ୍ତିଙ୍କ ସହ ମିଶି ସେ ନିଜର ପତିଆରା ବଢାଇବା ଘଟଣା ନେଇ ସହରରେ ଚର୍ଚ୍ଚା ଜୋର ଧରିଛି ।

## କଳାକାର ସଂଘ ପାଳିଲା ନୂଆଁଖାଇ



ମନ୍ଦିର ପରିସରରେ ନୂଆଁଖାଇ ପାଳନ କରାଯାଉଛି।

ଅନୁଗୋଳ ଅଫିସ, ୮।୯

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକରେ ଦେଉଳଝରୀ ସିଦ୍ଧେଶ୍ୱର ମନ୍ଦିର ପ୍ରାଙ୍ଗଣରେ ରାଜ୍ୟସ୍ତରୀୟ ସାଂସ୍କୃତିକ ଅନୁଷ୍ଠାନ ରୁମୁକୁଝୁମାନା, ଭକ୍ତବନ୍ଧୁ ଟ୍ରଷ୍ଟ ଓ ଜିଲା କଳାସଂସ୍କୃତି ସଂଘର କଳାକାରଙ୍କ ମିଳିତ ସହଯୋଗରେ ନୂଆଁଖାଇ ଜୁହାର ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପାଲଲହଡ଼ା ବ୍ଲକ ବ୍ୟତୀତ ଅନ୍ୟ ବ୍ଲକର କଳାକାରମାନେ ଉତ୍ସବରେ ଯୋଗ ଦେଇଥିଲେ। ବାବା ସିଦ୍ଧେଶ୍ୱର ମହାଦେବଙ୍କ ପୂଜାର୍ଚ୍ଚନା ସହ ମନ୍ଦିର ପରିକ୍ରମା ପରେ ଅତିଥି ଆଗମନ ଓ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ହୋଇଥିଲା। କାର୍ଯ୍ୟକ୍ରମରେ ଯୋଗ ଦେଇ ସମିତି ସଙ୍ଗଠନର ରାଜ୍ୟ ସମ୍ପାଦକ ସରୋଜ ଭୂୟାଁ କହିଥିଲେ ଯେ, ହକ୍ ପାଇଁ ଲଢ଼ିବା ନୀତିକୁ ବ୍ରତ ଭାବିଲେ ସବୁ ସମସ୍ୟା ଦୂର ହେବ। ରୁମୁକୁଝୁମାନାର ଜିଲା ସଭାପତି, ଜିଲା ସଂସ୍କୃତି ପରିଷଦର ସଦସ୍ୟ ତଥା କଣିହାଁ ବ୍ଲକ କଳା ସଂସ୍କୃତି ସଂଘ ଉପସଭାପତି ନବଘନ ସାମଲ କାଳାକାରଙ୍କୁ ଗୁରୁମନ୍ତ୍ର ଦେଇଥିଲେ। ସମାରୋହରେ ସଂଘ ରାଜ୍ୟ ସଭାପତି ନିବେଦିତା ନାୟକ, ଅନୁଗୋଳ ବ୍ଲକ ସଭାପତି ସୁରେଶ ସାହୁ, ବଅଁରପାଳର ସଭାପତି ସୁସ୍ମିତି ମହାନ୍ତି, ତାଳଚେର ବ୍ଲକ ସଭାପତି ଓ ଜିଲା ମହିଳା କଳାକାର ସାମ୍ମୁଖ୍ୟ ସାଧାରଣ ସମ୍ପାଦକ ସବିତା ସିଂହ, ଜିଲା ମହିଳା କଳାକାର ସାମ୍ମୁଖ୍ୟର ସଭାପତି ଶାନ୍ତିଲତା ଦାଶ, କଣିହାଁ ବ୍ଲକ କଳାକାର ସାମ୍ମୁଖ୍ୟର ସଭାପତି ଜ୍ୟୋତିର୍ମୟୀ ସାହୁ, କଣିହାଁ ବ୍ଲକ ସଭାପତି ବିପିନ ବିହାରୀ ପଟ୍ଟନାୟକ, ଛେଣ୍ଡିପଦା ବ୍ଲକ ସଭାପତି ବିଦ୍ୟାଧର ନାଥ, କିଶୋର ନଗର ସଭାପତି ଜଗତମୋହନ ମିଶ୍ର, ଆଠମଲ୍ଲିକ ରାଧାକାନ୍ତ ମାଝି ପ୍ରମୁଖଙ୍କ ସହ ଶତାଧିକ କଳାକାର ଉପସ୍ଥିତ ଥିଲେ।

# କ୍ଷେତ୍ରପାଳ ଗ୍ରାମ, ପୀତାବଳି ପୀଠରେ ଲାଗିଲା ଶତାଧିକ ଚାରା



ମା' ପୀତାବଳିଙ୍କ ପୀଠରେ ଚାରାରୋପଣ



କ୍ଷେତ୍ରପାଳ ଗ୍ରାମରେ ଚାରାରୋପଣ।

ବଇଣ୍ଡା(ଡି.ଏନ.ଏ.)/ମାଧପୁର, ୮।୯

କିଶୋରନଗର ବ୍ଲକ ଲୁହାମୁଣ୍ଡା ପଞ୍ଚାୟତ କ୍ଷେତ୍ରପାଳ ଗ୍ରାମରେ ଇଗ୍ନୋ ପକ୍ଷରୁ ରବିବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ବନ ବିଭାଗ ଏସିଏଫ୍ ରାଜେନ୍ଦ୍ର ଗୋଛାୟତ, ଗୌରୀଶଙ୍କର ଦାସ, ବିଶ୍ୱଯୁବ କେନ୍ଦ୍ରର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର, ହଣ୍ଡପା ରେଞ୍ଜର ଚୈତନ୍ୟ ବେହେରା, ଡ. ନିମାଇଁଚରଣ ପଲେଇ ପ୍ରମୁଖ ଯୋଗଦେଇ ବିଭିନ୍ନ ପ୍ରକାର ଚାରାରୋପଣ କରିଥିଲେ। ଏଥିସହ ସମସ୍ତେ ନିଜ ଜମିରେ ଗୋଟିଏ ଲେଖାଏ ଗଛ ଲଗାଇବା ପାଇଁ ପରାମର୍ଶ ଦେଇଥିଲେ। ବାମୁର ରେଞ୍ଜର ଚିତ୍ତରଞ୍ଜନ ପ୍ରଧାନ ପକ୍ଷରୁ ପ୍ରଦାନ କରାଯାଇଥିବା ୫ ଶହ ଶାଗୁଆନ, ଶିଶୁ, କରଞ୍ଜ ଆଦି ପ୍ରଜାତିର ଚାରାରୋପଣ କରାଯାଇଥିଲା।

ସେହିପରି ଆଠମଲ୍ଲିକ ବ୍ଲକ ବାସୁଦେବପୁର ପଞ୍ଚାୟତ ଗୌତମପୁର ଗ୍ରାମରେ ମା' ପୀତାବଳିଙ୍କ ପୀଠରେ ଚାରାରୋପଣ କରାଯାଇଛି। ଏହି ଅବସରରେ ବାବା ସିଦ୍ଧେଶ୍ୱର ଶୈବପୀଠ ଏବଂ ପୀତାବଳିଙ୍କ ପୀଠରେ ପୂଜାର୍ଚ୍ଚନା କରାଯାଇଥିଲା। ବୃନ୍ଦାବନ ଗିରି, ଭାସ୍କର ଗିରି ପୂଜାକାର୍ଯ୍ୟ ତୁଲାଇଥିଲେ। ସ୍ଥାନୀୟ ବାବା ସିଦ୍ଧେଶ୍ୱର କ୍ଲବ ଏବଂ ଗ୍ରାମବାସୀଙ୍କ ସହଯୋଗରେ ପୀଠ ପରିସରରେ ବେଲ, ଆମ୍ବ, କୃଷ୍ଣଚୂଡ଼ା, ଜାମୁ ଆଦି ଚାରାରୋପଣ କରାଯାଇଥିଲା। ଗ୍ରାମ୍ୟ କମିଟି ସଭାପତି ଶମ୍ଭୁନାଥ ଦନ୍ତା, ମହନ ଦନ୍ତା, ପଦ୍ମନ ମହାଖୁଡ଼, କେଦାରନାଥ ଗିରି, ବେଣୁଧର ମହାକୁଡ, ନାରାୟଣ ଡାଙ୍ଗ, ସନ୍ତୋଷ ମେହେର, ମହିମାସାଗର ଦନ୍ତା ପ୍ରମୁଖ ସହଯୋଗ କରିଥିଲେ।

# ବାହୁଡ଼ିଲେ ଗଜାନନ



ଭସାଣି ଶୋଭାଯାତ୍ରାରେ ସାମିଲ ହୋଇଥିବା ଘୋଡ଼ାନାଚ।

ଭୁବନ, ୮।୯(ଡି.ଏନ.ଏ.)

ଢେଙ୍କାନାଳ ଜିଲା ଭୁବନର ପ୍ରସିଦ୍ଧ ଗଣେଶ ପୂଜା ଭସାଣି ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। ରବିବାର ବିଦ୍ୟାଦାତା ଗଜାନନଙ୍କୁ ବିଦାୟ ଦେଇଛନ୍ତି ଅଞ୍ଚଳବାସୀ।

ସୁସଜ୍ଜିତ ମେଢ଼ଗୁଡ଼ିକ ମେଲଣ ପଡ଼ିଆରୁ ବାହାରି କାଳୀବଜାର, ନୂଆବଜାର ଦେଇ ସହର ପରିକ୍ରମା କରିଥିଲା। ଅତ୍ୟାଧୁନିକ ବାଜା, ଘୋଡ଼ା ନାଚ, ପାରମ୍ପରିକ ନୃତ୍ୟରେ ପରିବେଶ ଦୁଲୁକି ଉଠିଥିଲା। ପୂଜା ମଣ୍ଡପ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ମେଢ଼ଗୁଡ଼ିକୁ ବ୍ରାହ୍ମଣୀ ନଦୀରେ ବିସର୍ଜନ କରାଯାଇଛି। ପୋଲିସ ପ୍ରଶାସନ ଓ ପରିଚାଳନା କମିଟି କର୍ମକର୍ତ୍ତାମାନେ ଶାନ୍ତିଶୃଙ୍ଖଳା ରକ୍ଷାରେ ନିୟୋଜିତ ହୋଇଥିଲା। ଭସାଣି ଶୋଭାଯାତ୍ରା ନୂଆବଜାର ଛକ ନିକଟରେ ପହଞ୍ଚିବା ପରେ ପ୍ରବଳ ବର୍ଷା ହୋଇଥିଲା। ଯୁବକମାନେ ବର୍ଷାରେ ଭିଜିଭିଜି ନୃତ୍ୟ ପରିବେଷଣ କରିଥିଲେ। ଭସାଣି ଉତ୍ସବ ଦେଖିବାକୁ ଆଖପାଖ ଅଞ୍ଚଳର ହଜାର ହଜାର ଜନସାଧାରଣଙ୍କ ସମାଗମ ହୋଇଥିଲା।

ଧରିତ୍ରୀର ଢେଙ୍କାନାଳ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଢେଙ୍କାନାଳ ଅଫିସ- (୦୬୭୬୨)-୨୨୪୨୫୪, ଢେଙ୍କାନାଳ-୯୪୩୭୦୯୪୦୩୭, କାମାକ୍ଷାନଗର-୯୪୩୭୩୬୦୯୭୦, ହିନ୍ଦୋଳ-୭୮୯୪୪୬୨୯୦୫, ଭୁବନ-୭୮୯୪୪୬୨୯୦୭, ପରଜଙ୍ଗ-୯୯୩୭୮୬୪୨୯୧, ଭାପୁର-୯୯୩୭୦୭୯୭୭୦, ରାସୋଳ-୯୪୩୭୭୦୬୧୬୭, ସାତମାଇଲ-୯୯୩୭୭୫୧୪୨୮, ଅନୁଗୋଳ ଅଫିସ-(୦୬୭୬୪)-୨୩୭୫୫୬, ଅନୁଗୋଳ- ୯୮୫୩୮୪୯୧୨୩, ଅନୁଗୋଳ (ଫଟୋଗ୍ରାଫର)- ୯୮୬୧୨୨୦୬୫୫, ତାଳଚେର- ୦୪୩୭୨୯୨୪୭୮, କଣିହାଁ- ୭୮୯୪୪୬୨୯୧୨, ବଅଁରପାଳ- ୭୮୯୪୪୬୨୯୧୬, ବନ୍ତଳା-୯୯୩୭୯୦୮୯୧୫, ଆଠମଲ୍ଲିକ- ୭୮୯୪୪୬୨୯୧୭, ବଇଣ୍ଡା- ୭୮୯୪୪୬୨୯୧୮, ଛେଣ୍ଡିପଦା- ୭୮୯୪୪୬୨୯୧୯, ପାଲଲହଡା- ୭୮୯୪୪୬୨୯୨୧, ପବିତ୍ରନଗର- ୮୦୧୮୧୩୫୩୩୧।

## ସଂକ୍ଷେପରେ

### ଅମରେନ୍ଦ୍ରନାଥଙ୍କୁ ପୁଣି ସିଡିଏମ୍‌ଓ ଦାୟିତ୍ୱ



ଅନୁଗୋଳ ଅଫିସ, ୮।୯- ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଭାବେ ପୁଣି ଥରେ ଡାକ୍ତର ଅମରେନ୍ଦ୍ରନାଥ ମହାନ୍ତିଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଆସନ୍ତା ମଙ୍ଗଳବାର ସେ କାର୍ଯ୍ୟରେ ଯୋଗଦେବେ ବୋଲି ମେଡିକାଲ ପକ୍ଷରୁ ସୂଚନା ମିଳିଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଗତ ୭ ତାରିଖରେ ୧୪ ଜଣ ସିଡିଏମ୍‌ଓଙ୍କ ବଦଳି ତାଲିକା ପ୍ରକାଶ ପାଇଥିଲା। ରାଜ୍ୟ ସରକାରଙ୍କ ଚିଠି ନଂ ୨୨୫୯୦ରେ ଦର୍ଶାଯାଇଛି ଯେ, ପୁରୀ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଅମରେନ୍ଦ୍ରନାଥ ମହାନ୍ତି ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଯୋଗ ଦେବେ। ସୂଚନାଯୋଗ୍ୟ ଯେ, ଫନୀ ବାତ୍ୟା ସମୟରେ ଅନୁଗୋଳ ସିଡିଏମ୍‌ଓ ଥିବା ମହାନ୍ତିଙ୍କୁ ପୁରୀ ଜିଲାକୁ ବଦଳି କରାଯାଇଥିଲା। ତେବେ ମହାନ୍ତି ଅନୁଗୋଳରେ ସିଡିଏମ୍‌ଓ ଥିବାବେଳେ ଜିଲା ମୁଖ୍ୟ ଚିକିତ୍ସାଳୟରେ ବହୁ ପରିବର୍ତ୍ତନ ଆସିଥିଲା।

### ବାସୁଦେବପୁରରେ ହାତୀ ଉପଦ୍ରବ

ମାଧପୁର, ୮।୯- ଆଠମଲ୍ଲିକ ବ୍ଲକ ବାସୁଦେବପୁର ପଞ୍ଚାୟତର ବାସୁଦେବପୁର ଗ୍ରାମରେ ଶନିବାର ରାତିରେ ଏକ ହାତୀ ପଶି ଉପଦ୍ରବ କରିଛି। ହାତୀଟି ଗ୍ରାମର ଅନିରୁଦ୍ଧ ନାୟକଙ୍କ ମଇଁଷି ପଲକୁ ଆକ୍ରମଣ କରିବାରୁ ଗୋଟିଏ ମଇଁଷି ଗୁରୁତର ହୋଇଛି। ଖବରପାଇ ଘୋଡାଗାଡି ଫରେଷ୍ଟଗାର୍ଡ ପୁରୁଷୋତ୍ତମ ଦେହୁରୀ ଘଟଣାସ୍ଥଳରେ ପହଞ୍ଚି ମଇଁଷିର ଚିକିତ୍ସା ପାଇଁ ସହାୟତା ପ୍ରଦାନ କରିଛନ୍ତି। ଏଥିସହ ହାତୀଟି ଗୌତମପୁର, ଦୌଲତପୁର, ମୁଚ୍ଛପୁର ଆଦି ଅଞ୍ଚଳରେ ଚଲାବୁଲା କରୁଥିବାରୁ ଅଞ୍ଚଳବାସୀ ଭୟଭୀତ ରହିଛନ୍ତି। ତୁରନ୍ତ ସେଠାରୁ ହାତୀ ଘଉଡାଯିବାକୁ ଦାବି ହୋଇଛି।

■ଜିଲାରେ ୨୬୪.୬ ମିମି ବର୍ଷା

# ରାଜପଥରେ ଆଣ୍ଠୁଏ ପାଣି

ଅନୁଗୋଳ ଅଫିସ, ୮।୯

ଲଗାଣ ବର୍ଷା ପରେ ରବିବାର ସକାଳୁ ପାଗ ଟିକେ ଶୁଖିଲା ଥିଲା। ଏପରି କି ମଧ୍ୟାହ୍ନ ପର୍ଯ୍ୟନ୍ତ ସହରର ପାଗ ଭଲ ରହିଥିଲା। ହେଲେ ଏହାପରେ ଆରମ୍ଭ ହୋଇଥିଲା ବର୍ଷା। ଗୋଟିଏ ଅସରା ପରେ ଆଉ ଏକ ବଡ଼ ଅସରା ସହ ପବନ ସହରବାସୀଙ୍କୁ ଭିଜାଇ ଦେଇଥିଲା। ସହର ଦେଇ ଯାଇଥିବା ୫୫ନଂ. ରାଜପଥ ଉପରେ ଆଣ୍ଠୁଏ ଉଚ୍ଚର ପାଣି ଚାଲିଥିବା ବେଳେ ବିଭିନ୍ନ ତଳିଆ ଅଞ୍ଚଳରେ ଦୀର୍ଘ ସମୟ ଧରି ପାଣି ଜମି ରହିଥିଲା। ସେହିପରି ପାଲଲହଡ଼ା ଅଞ୍ଚଳରୁ ଜଣେ ଶିଶୁ ବର୍ଷା ପାଣିରେ ଭାସି ନିଖୋଜ ଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଘଟଣାସ୍ଥଳରେ ଓଡ୍ରାଫ୍ ଟିମ୍ ପହଞ୍ଚି ଖୋଜାଖୋଜି କରୁଛି।

ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ମିଳିଥିବା ସୂଚନା ମୁତାବକ ଜିଲାରେ ୨୬୪.୬ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଅନୁଗୋଳରେ ୪୪.୦ ମିଲିମିଟର ବର୍ଷା ହୋଇଥିବାବେଳେ ବଅଁରପାଳରେ ୧୧.୬ ମିମି, ଛେଣ୍ଡିପଦାରେ ୧୬.୬ ମିମି, ତାଳଚେରରେ ୩୬.୦ ମିମି, କଣିହାଁରେ ୬୫.୨ ମିମି, ଆଠମଲ୍ଲିକରେ ୨୪.୦ ମିମି, କିଶୋରନଗରରେ ୨୯.୨ ମିମି, ପାଲଲହଡ଼ାରେ ୩୮.୦ ମିଲିମିଟର ବର୍ଷା ହୋଇଛି। କଣିହାଁ ପରେ ଅନୁଗୋଳରେ ଅଧିକ ବର୍ଷା ହୋଇଥିବାରୁ ସହରର ବିଭିନ୍ନ ସ୍ଥାନ ପାଣିରେ ଭରି ଯାଇଥିଲା। ୫୫ ନମ୍ବର ଜାତୀୟ ରାଜପଥ ଉପରେ ଆଣ୍ଠୁଏ ଉଚ୍ଚର ପାଣି ଚାଲିବାରୁ କେଉଁଠି ଖାଲ ତାହା ଜଣାପଡ଼ି ନ ଥିଲା। ଫଳରେ କିଛି ପଥଚାରୀ ଦୁର୍ଘଟଣାର ଶିକାର ହୋଇଥିଲେ। ବିଶେଷକରି କାଲଟାକ୍ସ ଛକ ଠାରୁ ବଅଁରପାଳ ପର୍ଯ୍ୟନ୍ତ ରାସ୍ତା ଅବସ୍ଥା ଖରାପ ଥିବା ସହ ବର୍ଷା ପରେ ଏହି ସ୍ଥାନରେ ଅଧିକ ଦୁର୍ଘଟଣା ଘଟୁଥିବାରୁ ତୁରନ୍ତ ରାଜପଥ ମରାମତି କରିବାକୁ ସାଧାରଣରେ ଦାବି ହୋଇଛି। ବାରମ୍ବାର ପ୍ରତିଶ୍ରୁତି ମିଳୁଥିଲେ ବି ମରାମତି ବ୍ୟବସ୍ଥା ହେଉ ନ ଥିବାରୁ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ଉପଜିଲାପାଳ ବାସୁଦେବ ଶତପଥୀ କହିଛନ୍ତି, ଏହି ରାସ୍ତାରେ କିପରି ପାଣି ନ ଜମିବ ସେଥିଲାଗି ଉଦ୍ୟମ ଚାଲିଛି। ଏହାର ସବୁଦିନିଆ ସମାଧାନ କରାଯିବ।

## ବନ୍ତଲା, ମାଧପୁରରେ ଭୁଶୁଡ଼ିଲା ଘର



ବନ୍ତଲା/ମାଧପୁର, ୮।୯(ଡି.ଏନ.ଏ.)

ଲଗାଣ ବର୍ଷା ଯୋଗୁ ଅନୁଗୋଳ ଜିଲା ବନ୍ତଲା ଥାନା ପୋକତୁଙ୍ଗା ଡିପସାହିରେ ରଞ୍ଜନ ମୁଖୀଙ୍କ ଘର ଭାଙ୍ଗିଯାଇଛି। ଫଳରେ ତାଙ୍କ ପରିବାରର ୩ ଜଣ ଆହତ ହୋଇଛନ୍ତି। ରଞ୍ଜନ ମୁଖୀ (୪୮), ସ୍ତ୍ରୀ ଦିଲ୍ଲୀ ମୁଖୀ(୪୫), ପଦ୍ମିନୀ ମୁଖୀ(୩୫), ଜଗନ ମୁଖୀ (୨୨), ଜଗଦୀଶ ମୁଖୀ(୧୫), ଯସ୍ମିନ ମୁଖୀ(୧୩), ରାକେଶ ମୁଖୀ(୧୦) ଘରେ ଶୋଇଥିବାବେଳେ ଘର ଭାଙ୍ଗିଯାଇଥିଲା। ଫଳରେ ଏବେ ପୂରା ପରିବାର ବାହାରେ ଖୋଲା ଆକାଶ ତଳେ ଆଶ୍ରୟ ନେଇଛନ୍ତି। ସେହିପରି ଆଠମଲ୍ଲିକ ବ୍ଲକ ମାଧପୁର ପଞ୍ଚାୟତ ଗଦାଧରପୁର ଗ୍ରାମର ଦିଗାମ୍ବର ବାଘ ଏବଂ ଦୋଳଗୋବିନ୍ଦ ପ୍ରଧାନଙ୍କ ୨ ବଖରା ଲେଖାଏଁ ଘର କାନ୍ଥ ଭୁଶୁଡ଼ି ପଡିଛି। ଫଳରେ ପୂରା ପରିବାର ବାସହରା ହୋଇପଡିଛନ୍ତି। ଏ ସମ୍ପର୍କରେ ସେମାନେ ମାଧପୁର ରାଜସ୍ୱ ନିରୀକ୍ଷକଙ୍କୁ ଜଣେଇବା ପାଇଁ ଆସିଥିଲେ ମଧ ଅଧିକାରୀ ଅନୁପସ୍ଥିତ ଥିବାରୁ ଫେରିଯାଇଛନ୍ତି। ତୁରନ୍ତ କ୍ଷତିଗ୍ରସ୍ତ ପରିବାରକୁ ସହାୟତା ଯୋଗାଇଦେବାକୁ ଦାବି ହୋଇଛି।

■ନାଲ୍‌କୋ ବିଶ୍ୱକର୍ମା ପୂଜା ପ୍ରସ୍ତୁତି

## କାରୁକାର୍ଯ୍ୟରେ ଦ୍ୱାଦଶ ଲିଙ୍ଗ



ପୂଜା ପାଇଁ ପ୍ରସ୍ତୁତ ହେଉଥିବା ତୋରଣ।





ଲୋକନାଥ ଦେହୁରୀ। ରାହାସ ବିହାରୀ ସାହୁ





ମଧୁସୂଦନ ରଣା। ବିନୋଦ ମହାପାତ୍ର।

ବଅଁରପାଳ, ୮।୯(ଡି.ଏନ.ଏ.)

ଅନୁଗୋଳ ଜିଲା ନାଲ୍‌କୋ କଲୋନୀରେ ଆସନ୍ତା ୧୭ ତାରିଖରୁ ଆରମ୍ଭ ହେବାକୁ ଯାଉଛି ବିଶ୍ୱକର୍ମା ପୂଜା। ଏଥିପାଇଁ ବିଭିନ୍ନ ପୂଜା କମିଟି ପକ୍ଷରୁ ଜୋରଦାର ପ୍ରସ୍ତୁତି ଚାଲିଛି। ଚଳିତ ବର୍ଷ ନାଲ୍‌କୋ ମୋବାଇଲ ଇକ୍ୟୁପମେଣ୍ଟ ଶପ୍ ପକ୍ଷରୁ ପୂଜା ଆଡମ୍ବରରେ କରାଯିବାକୁ ଉଦ୍ୟମ କରାଯାଉଛି। କମିଟିର ପ୍ରାୟ ୭୦ରୁ ଊର୍ଦ୍ଧ୍ୱ ସଦସ୍ୟ ଏଥିରେ ସାମିଲ ହୋଇଛନ୍ତି। ଚଳିତ ବର୍ଷ ତୋରଣ ଓ କାରୁକାର୍ଯ୍ୟ ଉପରେ କମିଟି ଅଧିକ ଗୁରୁତ୍ୱ ଦେଇଛି। ଏ ବର୍ଷ କାରୁକାର୍ଯ୍ୟରେ ଦ୍ୱାଦଶ ଲିଙ୍ଗ ଉପସ୍ଥାପନ କରାଯିବ। ମଣ୍ଡପରେ ୧୨ଟି ଲିଙ୍ଗକୁ ନେଇ ସାଜସଜ୍ଜା କରାଯାଉଛି। ସେହିପରି ଆଲୋକ ସଜ୍ଜା ଓ ତୋରଣକୁ ଆକର୍ଷଣୀୟ କରାଯାଉଛି।

କମିଟି ସହ ସମ୍ପାଦକ ବିନୋଦ କୁମାର ମହାପାତ୍ର କୁହନ୍ତି, ବାହାର ଅଞ୍ଚଳର କାରିଗରମାନଙ୍କୁ ଅଣାଯାଇ କାରୁକାର୍ଯ୍ୟ ଚାଲିଛି। ଚଳିତ ବର୍ଷ ଦ୍ୱାଦଶ ଲିଙ୍ଗକୁ ପୂଜାମଣ୍ଡପରେ ସ୍ଥାନ ଦିଆଯିବ। ମଣ୍ଡପ ଦର୍ଶକଙ୍କୁ ଆକର୍ଷିତ କରିବ ବୋଲି ଆଶା କରାଯାଉଛି। କମିଟି ଉପଦେଷ୍ଟା ରାହାସ ବିହାରୀ ସାହୁ ଓ ଲୋକନାଥ ଦେହୁରୀ କୁହନ୍ତି, ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ପୂଜା ମଣ୍ଡପ କରାଯାଉଛି। ଆଲୋକ ସଜ୍ଜା, ବିଭିନ୍ନ ସଚେତନତା ବାର୍ତ୍ତାକୁ ନେଇ ମୂର୍ତ୍ତି ମଧ ନିର୍ମାଣ କରାଯାଉଛି।

ମୂର୍ତ୍ତି କାରିଗର ମଧୁସୂଦନ ରଣା କୁହନ୍ତି, ପ୍ରତିବର୍ଷ ଏଠାକୁ ଆସି ବିଶ୍ୱକର୍ମାଙ୍କ ମୂର୍ତ୍ତି ତିଆରି କରୁଛି। ଚଳିତ ବର୍ଷ ଦ୍ୱାଦଶ ଲିଙ୍ଗକୁ ନେଇ ସାଜସଜ୍ଜା କରାଯାଉଛି।

## ବର୍ଷାରେ ଭୁଶୁଡ଼ିଲା ତୋରଣ

ତାଳଚେର,୮।୯(ନି.ପ୍ର.)

ତାଳଚେର ଗଣେଶ ପୂଜାରେ ବର୍ଷା ସାଜୁଛି ବାଧକ। ପୂଜା ଆରମ୍ଭ ଦିନ ଠାରୁ ଏଠାରେ ପ୍ରତିଦିନ ବର୍ଷା ହେଉଛି। ରବିବାର ଅପରାହ୍ଣରେ ପ୍ରବଳ ବର୍ଷା ଯୋଗୁ ତାଳଚେର ଥାନା ସମ୍ମୁଖ ଓ ହାଟତୋଟା ମୁଖ୍ୟରାସ୍ତାରେ ଦୁଇଗୋଟି ବଡ ଲାଇଟ ତୋରଣ ଭୁଶୁଡି ପଡିଥିଲା। ଫଳରେ ଦୀର୍ଘ ସମୟ ଧରି ଯାତାୟାତରେ ବାଧା ଉପୁଜିଥିଲା। ସେହି ସମୟରେ ଉକ୍ତ ରାସ୍ତାରେ ଲୋକେ ଚଳପ୍ରଚଳ କରୁ ନ ଥିବାରୁ ଦୁର୍ଘଟଣା ଟଳି ଯାଇଥିଲା। ପ୍ରକାଶ ଯେ, ଗତ ୨ ତାରିଖଠାରୁ ତାଳଚେରର ଗଣପର୍ବ ଭାବେ ବିଦିତ ଗଣେଶ ପୂଜା ସହରରେ ବଡ ଧୁମ୍‌ଧାମରେ ଚାଲିଛି। ହେଲେ ପ୍ରତିଦିନ ବର୍ଷା ହେଉଥିବାରୁ ଲୋକମାନେ ପୂଜାକୁ ଉପଭୋଗ କରିପାରୁ ନାହାନ୍ତି। ପୂଜା କମିଟି ଗୁଡିକ ମଧ ସାଜସଜ୍ଜା ଠିକ୍ ଭାବେ କରିପାରୁ ନାହାନ୍ତି। ଭଲ ବ୍ୟବସାୟ ପାଇଁ ଦୂର ଦୂରାନ୍ତରୁ ଆସିଥିବା ଉଠାଦୋକାନୀମାନେ ଅନେକ ସମୟରେ ଗ୍ରାହକଙ୍କୁ ଅପେକ୍ଷା କରି ରହୁଥିବା ଦେଖାଯାଉଛି।



ରାସ୍ତା ଉପରେ ଭାଙ୍ଗି ପଡ଼ିଥିବା ତୋରଣ।

ଗେଲାଣି ନେଲେ ଗଜାନନ

# ଲୋକନୃତ୍ୟରେ ଦୁଲୁକିଲା ସହର



ଭସାଣିରେ ଯୁବଗୋଷ୍ଠୀ ପକ୍ଷରୁ ନୃତ୍ୟ ପ୍ରଦର୍ଶନ।

ଅନୁଗୋଳ ଅଫିସ, ୮।୯

ଅନୁଗୋଳ ସହରରେ ରବିବାର ଗଜାନନଙ୍କ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ତେବେ ବର୍ଷା ଯୋଗୁ ପୂର୍ବ ନିର୍ଦ୍ଧାରିତ ସମୟ ପରିବର୍ତ୍ତେ ବିଳମ୍ବରେ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଥିଲା। ସହରରେ ପ୍ରଥମଥର ପାଇଁ ଗଣପତିଙ୍କ ଭସାଣି ଶୋଭାଯାତ୍ରାର ଆୟୋଜନ ହୋଇଥିବାରୁ ବିଭିନ୍ନ କ୍ଲବ ଓ ସହରବାସୀଙ୍କ ମଧ୍ୟରେ ବେଶ୍ ଉତ୍କଣ୍ଠା ଦେଖିବାକୁ ମିଳିଥିଲା। ମେଘୁଆ ପାଗ ହୋଇଥିଲେ ବି ଶିଙ୍ଗ ବାଜା ଓ ବ୍ରାସ ପାର୍ଟିର ବାଦ୍ୟ ଗୀତ ସହ ତାଳ ମିଶାଇ ଯୁବଗୋଷ୍ଠୀ ବେଶ୍ ନୃତ୍ୟ କରିଥିଲେ। ସେହିପରି ବିଭିନ୍ନ ମଣ୍ଡପ ପକ୍ଷରୁ ରାଜ୍ୟର ବିଭିନ୍ନ ସ୍ଥାନରୁ ଲୋକନୃତ୍ୟ ଦଳଙ୍କୁ ଅଣାଯାଇ ଶୋଭାଯାତ୍ରାରେ ସାମିଲ କରାଯାଇଥିଲା।

ଭସାଣିକୁ ନେଇ ସକାଳୁ ସହରବାସୀଙ୍କ ମଧ୍ୟରେ ଉତ୍ସାହ ଭରି ଯାଇଥିଲା। ହେଲେ ଦୁଇ ଅସରା ବର୍ଷା ଭସାଣିକୁ ପାଣିଚିଆ କରିଦେବ ବୋଲି ଆଶଙ୍କା ସୃଷ୍ଟି ହୋଇଥିଲା। ପୂଜାକମିଟି ଗୁଡ଼ିକ ମଣ୍ଡପରୁ ଠାକୁରଙ୍କୁ ବାହାରକୁ କାଢ଼ି ଦେଇଥିବାରୁ ବର୍ଷା ବେଳେ ଜରିପାଲ ପକାଇ ରଖିଥିଲେ। ଅପରାହ୍ନ ୨ଟାରେ ପୂଜା କମିଟି ଗୁଡ଼ିକ ଠାକୁରଙ୍କୁ ଆଣି ଅନୁଗୋଳ ଥାନା ଛକରେ ଏକାଠି କରିବା ପରେ ଅପରାହ୍ନ ୫ଟାରେ ମେଢ଼ ଗୁଡ଼ିକ ଭସାଣି ଶୋଭାଯାତ୍ରାରେ ବାହାରିଥିଲେ। ୱାରିୟର କ୍ଲବ, ଗଜପତି କ୍ଲବ, ୟୁନାଇଟେଡ୍ କ୍ଲବ, ପ୍ରିନ୍ସ ଆଣ୍ଡ ପ୍ରିନ୍ସ କ୍ଲବ, ତୋଫାନ କ୍ଲବ, ଆଲମ କ୍ଲବ, କଳିଙ୍ଗ ଯୁବ ବିକାଶ କେନ୍ଦ୍ର, ଇନ୍ଦିରା କ୍ଲବ, ମହାବିନାୟକ ୟୁଥ୍ କ୍ଲବ ଓ ଜୁନିୟର ଲାୟନ କ୍ଲବ ଶାନ୍ତ ଶୃଙ୍ଖଳାର ସହ ଗୋଟିଏ ପଛକୁ ଗୋଟିଏ ଶୋଭାଯାତ୍ରାରେ ଯାଇଥିଲେ। ତେବେ ଶୋଭାଯାତ୍ରାରେ ବିଭିନ୍ନ ପାରମ୍ପରିକ ନୃତ୍ୟର ଝଲକ ଦେଖିବାକୁ ମିଳିଥିଲା। ପ୍ରତ୍ୟେକ ପୂଜା କମିଟି ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। କିଏ ପାଇକମାନଙ୍କୁ ଆଣି ଶୋଭାଯାତ୍ରାରେ ଆସିଥିଲା ତ ଆଉ କିଏ କାଉଡ଼ି ମେଲଣ ଦଳ ଧରି ଆସିଥିଲେ। କିଛି କ୍ଲବ ପକ୍ଷରୁ ଭଜନ ସଂକୀର୍ତ୍ତନର ବ୍ୟବସ୍ଥା କରାଯାଇଥିଲା। ଯୁବଗୋଷ୍ଠୀ ମଧ୍ୟ ବେଶ୍ ନୃତ୍ୟ ପରିବେଷଣ କରିଥିଲେ। ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ଅନୁଗୋଳ ପୋଲିସ ପକ୍ଷରୁ ୨୦ ଅଫିସରଙ୍କ ସହ ପାଖାପାଖି ୨ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା। ଏସ୍‌ଡିପିଓ ଅଶ୍ୱିନୀ କୁମାର ସାହୁ ଏହାର ନେତୃତ୍ୱ ନେଇଥିବାବେଳେ ଅନୁଗୋଳ ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ ଉପସ୍ଥିତ ଥିଲେ। ଅନୁଗୋଳ ଉପଜିଲାପାଳ ବାସୁଦେବ ଶତପଥୀ ଓ ଏସ୍‌ପି ଜଗମୋହନ ମୀନା ଆଇନଶୃଙ୍ଖଳା ତଦାରଖ କରିଥିଲେ। ଭସାଣି ଉତ୍ସବ ପାଇଁ ପିଟିସି ଛକରୁ ଜାତୀୟ ରାଜପଥରେ ଟ୍ରାଫିକ କଟକଣା ଲାଗୁ କରାଯାଇଥିଲା। ଗାଡ଼ି ଗୁଡ଼ିକୁ ଡିଆସି ଛକ ଦେଇ ହୁଲୁରିସିଂହାକୁ ଛଡ଼ାଯାଉଥିଲା। ମେଢ଼ ଗୁଡ଼ିକ ଥାନା ଛକରୁ କାଞ୍ଚନ ଟକିଜ ଛକ ଦେଇ ବସ୍‌ଷ୍ଟାଣ୍ଡ, ମେଡିକାଲ ଛକ, ବଜାରଛକ ଦେଇ ପୁଣି ରାଜରାସ୍ତାକୁ ଆସି ଏକାଠି ହୋଇଥିଲା। ପରେ ଶୈଳଶ୍ରୀକ୍ଷେତ୍ର ଠାରେ ହୋଇଥିବା ଅସ୍ଥାୟୀ ପୋଖରୀରେ ସମସ୍ତ ମେଢ଼ ବିସର୍ଜନ କରାଯାଇଥିଲା।



ଶୋଭାଯାତ୍ରାରେ ପ୍ରିନ୍ସ ଆଣ୍ଡ ପ୍ରିନ୍ସ କ୍ଲବ ମେଢ଼



ବଜାର ଛକ ତୋଫାନ କ୍ଲବ ମେଢ଼



ମହାବିନାୟକ କ୍ଲବ ତରଫରୁ ପୁରୀରୁ ଅଣାଯାଇଥିବା ଓଡ଼ିଶୀ ନୃତ୍ୟଶିଳ୍ପୀ



ମା' କାଳୀଙ୍କ ବେଶରେ କଳାକାର ନୃତ୍ୟ କରୁଛନ୍ତି

## ନେତାଙ୍କ ପୁଅ ବୋଲି ମାଫ



ଭସାଣି ଉତ୍ସବରେ ଆତସବାଜି ମନା ଥିଲା। ସବୁ ପୂଜା ମଣ୍ଡପ କର୍ମକର୍ତ୍ତା ମଧ ଏହାକୁ ଗ୍ରହଣ କରିଥିଲେ। ହେଲେ ବଜାର ଛକରେ ହଠାତ୍ ଆତସବାଜି ପ୍ରଦର୍ଶନ କରାଯାଇଥିଲା। ଏକ ନିର୍ଦ୍ଦିଷ୍ଟ କ୍ଲବରେ ଜଣେ ଟାଣୁଆ ନେତାଙ୍କ ପୁଅ କର୍ମକର୍ତ୍ତା ଥିବାରୁ ତାଙ୍କ ସହ କ୍ଲବ ସଦସ୍ୟମାନେ ଆତସବାଜି ନିୟମର ଉଲ୍ଲଂଘନ କରିଥିଲେ। ଘଟଣାସ୍ଥଳରେ ପୋଲିସ ଥିଲେ ବି ସେମାନଙ୍କୁ ବାରଣ କରି ନ ଥିବାରୁ ବିଭିନ୍ନ ପୂଜା ମଣ୍ଡପ କର୍ମକର୍ତ୍ତା ଅସନ୍ତୋଷ ପ୍ରକାଶ କରିଛନ୍ତି। ଟାଣୁଆ ନେତାଙ୍କ ପୁଅ ବୋଲି ପୋଲିସ ଓ ପ୍ରଶାସନ ଏପରି କୋହଳ ମନୋଭାବ ଦେଖାଇଥିବା କେତେକ ପୂଜା କମିଟି କର୍ମକର୍ତ୍ତା ଓ ସହରବାସୀ ଅଭିଯୋଗ କରିଛନ୍ତି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ,ସୋମବାର, ସେପ୍ଟେମ୍ବର ୯ /୨୦୧୯ Dhenkanal, Monday, September 9 / 2019

## ସଂକ୍ଷେପରେ

### କୁଲାଡ଼ରେ ଖୁଦୁରୁକୁଣୀ ଓଷା



ବଅଁରପାଳ, ୮।୯(ଡି.ଏନ.ଏ.)- ବଅଁରପାଳ ବ୍ଲକ କୁଲାଡ଼ ସାମଲସାହିରେ ଖୁଦୁରୁକୁଣୀଙ୍କ ବାର୍ଷିକ ପୂଜା ପାଳିତ ହୋଇଯାଇଛି। ଯଥାରୀତି ପୂଜାର୍ଚ୍ଚନା କରାଯିବା ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ପୂଜା କମିଟିର ସୀତା ସାମଲ, ଲିପି ସାମଲ, ମିନାକ୍ଷୀ ଅମାନ୍ତ, ରାଣୀ ସ୍ୱାଇଁ ପ୍ରମୁଖ ପୂଜାର୍ଚ୍ଚନା କରିଥିଲେ। ଗୋଲକ ସାମଲ ପୂଜା ପରିଚାଳନା କରିଥିଲେ।

### ପିକ୍ଅପ ଭ୍ୟାନ ଓଲଟି ୭ ଗୋରୁ ମୃତ



ଛେଣ୍ଡିପଦା,୮।୯(ଡି.ଏନ.ଏ.)- ଅନୁଗୋଳ ଜିଲା ପୁରୁଣାକୋଟ ଥାନା ଅନ୍ତୁଳିଆ ଗାଁ ଖଇରମୁଣ୍ଡା ନିକଟରେ ରବିବାର ସକାଳେ ଏକ ଗୋରୁ ବୋଝେଇ ପିକ୍ଅପ ଭ୍ୟାନ ଓଲଟିପଡ଼ିଛି। ଏଥିରେ ୭ ଗୋରୁଙ୍କ ମୃତ୍ୟୁ ହୋଇଛି।

ଆଠମଲ୍ଲିକରୁ ଏହି ପିକଅପ ଭ୍ୟାନଟି ଗୋରୁ ବୋଝେଇ କରି ଆସୁଥିବାବେଳେ ଅନ୍ତୁଳିଆ ନିକଟ ଖଇରମୁଣ୍ଡା ଏକ ପୋଲ ଉପରୁ ଭାରସାମ୍ୟ ହରାଇ ତଳକୁ ଖସି ପଡିଥିଲା। ଫଳରେ ଗାଡ଼ିରେ ଥିବା ୧୩ ଗୋରୁଙ୍କ ମଧରୁ ଘଟଣାସ୍ଥଳରେ ୭ ଗୋରୁଙ୍କ ମୃତ୍ୟୁ ଘଟିଥିଲା। ସ୍ଥାନୀୟବାସିନ୍ଦା ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡିରୁ ଗୋରୁଙ୍କୁ ଉଦ୍ଧାର କରିଥିଲେ। ଚାଳକ ଫେରାର ହୋଇ ଯାଇଥିବା ଜଣାପଡ଼ିଛି। ପୋଲିସ ଘଟଣାର ତଦନ୍ତ ଚଳାଇଛି।

### ମହିଳାଙ୍କ ମୃତଦେହ ଉଦ୍ଧାର

ବଇଣ୍ଡା,୮।୯(ଡି.ଏନ.ଏ.)- ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ପୋକଣ୍ଡା ଗ୍ରାମର ଏକ ପଣସ ଗଛରୁ ଝୁଲନ୍ତା ଅବସ୍ଥାରେ ସେହି ଗ୍ରାମର ଶୁଭଦ୍ରା ନାୟକ(୨୭)ଙ୍କ ମୃତଦେହ ରବିବାର ସକାଳେ ଠାକୁରଗଡ଼ ପୋଲିସ ଉଦ୍ଧାର କରିଛି। ପୋଲିସ କହିଛି, ଶୁଭଦ୍ରା ଓ ତାଙ୍କ ସ୍ୱାମୀଙ୍କ ମଧରେ ଶନିବାର କୌଣସି କାରଣରୁ ଝଗଡ଼ା ହୋଇଥିଲା। ପରେ ଶୁଭଦ୍ରା ଘର ନିକଟସ୍ଥ ଏକ ପଣସ ଗଛରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ଅଞ୍ଚଳବାସୀ ତାଙ୍କ ମୃତଦେହ ଝୁଲୁଥିବା ଦେଖି ପୋଲିସକୁ ସୂଚନା ଦେଇଥିଲେ। ଏ ନେଇ ଥାନାରେ ନଂ. ୫/୧୯ରେ ଏକ ମାମଲା ରୁଜୁ କରାଯାଇଛି।

## ଜୋନାଲ୍ସ୍ତରୀୟ ଲିଗାଲ ଲିଟ୍ରେସି ଫେଷ୍ଟିଭାଲ

# ‘ଆମ ଅଧିକାର ଆମେ ପାଇବୁ’ ଶ୍ରେଷ୍ଠ ବିବେଚିତ

ଅନୁଗୋଳ ଅଫିସ, ୮।୯



କୃତୀ ଛାତ୍ରୀଛାତ୍ରଙ୍କ ସହ ଅତିଥି ଓ କର୍ମକର୍ତ୍ତାମାନେ।

ଅନୁଗୋଳ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଜୋନ୍ସ୍ତରୀୟ କ୍ଷୁଦ୍ର ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସେହିପରି ଅନୁଗୋଳ କୋର୍ଟ ପରିସରରେ ପ୍ରାଧିକରଣ ପକ୍ଷରୁ ଜୋନ୍ସ୍ତରୀୟ ପ୍ରବନ୍ଧ, ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ଦୌରାଜଜ୍ ତଥା ଜିଲା ଆଇନ ସେବା ପ୍ରାଧିକରଣର ଅଧକ୍ଷ ଅଶାନ୍ତ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ମୁଖ୍ୟ ନ୍ୟାୟିକ ଅଧିକାରୀ ସୌମ୍ୟକ ପାତ୍ର, ରେଜିଷ୍ଟ୍ରାର ବାସୁଦେବ ଆଚାର୍ଯ୍ୟ, ଅନୁବିଭାଗୀୟ ଦଣ୍ଡାଧିକାରୀ ବିଶ୍ୱଜିତ ନାୟକ ଓ ଦ୍ୱିତୀୟ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସଞ୍ଜୀବ କୁମାର ପଣ୍ଡା ଅତିଥିଭାବେ ଯୋଗଦେଇଥିଲେ।

ଜିଲା ପରିଷଦ ସମ୍ମିଳନୀ କକ୍ଷରେ ହୋଇଥିବା ଜୋନ୍ସ୍ତରୀୟ କ୍ଷୁଦ୍ର ନାଟକ ପ୍ରତିଯୋଗିତାରେ ଜବାହର ନବୋଦୟ ବିଦ୍ୟାଳୟ ଚମ୍ପତିମୁଣ୍ଡା ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଦର୍ଶିତ ନାଟକ ‘ଆମ ଅଧିକାର ଆମେ ପାଇବୁ’ ଶ୍ରେଷ୍ଠ ବିବେଚିତ ହୋଇଥିଲା। ପାରାଲିଗାଲ ଭଲ୍ୟୁଣ୍ଟର ଲିପିକା ମହାପାତ୍ର ଏହାର ନିର୍ଦ୍ଦେଶନା ଦେଇଥିଲେ। ଝାରସୁଗୁଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଦର୍ଶିତ ନାଟକ ‘ନ୍ୟାୟ ଆମ ଅଧିକାର’ ଓ ଦେବଗଡ଼ର ଓଡ଼ିଶା ଆଦର୍ଶ ବିଦ୍ୟାଳୟ ବୁଢ଼ାପାଳର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପ୍ରଦର୍ଶିତ ନାଟକ ‘ପ୍ରାପ୍ୟ’ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ବିବେଚିତ ହୋଇଥିଲା। ସେହିଭଳି ଜୋନ୍ସ୍ତରୀୟ ପ୍ରବନ୍ଧ, ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ ଛାତ୍ରୀ ସମୀକ୍ଷା ମହାନ୍ତି ପ୍ରଥମ, ରାକ୍ଷୀ କାଣ୍ଟା ଦ୍ୱିତୀୟ ଓ ଛାତ୍ର ଜିବିତେଶ ବେହେରା ତୃତୀୟ ସ୍ଥାନ ଅଧିକାର କରିଥିଲେ। ବକ୍ତୃତାରେ ଛାତ୍ରୀ ଈପ୍ସିତା ପ୍ରଧାନ ପ୍ରଥମ, ଛାତ୍ର ଉମେଶ ମେହେର ଦ୍ୱିତୀୟ ଓ ଛାତ୍ରୀ ସସ୍ମିତା ସାହୁ ତୃତୀୟ ହୋଇଥିଲେ। ଚିତ୍ରାଙ୍କନରେ ଛାତ୍ର ମନିଷ କୁମାର ରାଉତ ପ୍ରଥମ, ତନୁଜ କହଁର ଦ୍ୱିତୀୟ ଓ ଛାତ୍ରୀ ଦେବସ୍ମିନ ମହାରଣା ତୃତୀୟ ସ୍ଥାନ ଅଧିକାର କରିଥିଲେ। ବିଚାରକ ଭାବେ ଅଭିନେତା ଅଶୋକ କୁମାର ଦାସ, ଅବସରପ୍ରାପ୍ତ ଅଧାପକ ପ୍ରଦୀପ କୁମାର ଦାସ, ଅବସରପ୍ରାପ୍ତ ପ୍ରଫେସର ଡ. ଇନ୍ଦିରା ଦାଶ, ଅବସରପ୍ରାପ୍ତ ଅଧାପିକା ଡ. ମଞ୍ଜୁଲତା ମହାପାତ୍ର, ସରକାରୀ ଓକିଲ ପରମାନନ୍ଦ ମିଶ୍ର, ଅବସରପ୍ରାପ୍ତ କଳା ଶିକ୍ଷକ ରବୀନ୍ଦ୍ର ନାଥ ସାହୁ, ସାମାଜିକ କର୍ମୀ ପର୍ଶୁରାମ ଦାଶ ପ୍ରମୁଖ ପ୍ରତିଯୋଗିତା ଗୁଡ଼ିକର ମୂଲ୍ୟାୟନ କରିଥିଲେ। ଶେଷରେ ବିଜେତାମାନଙ୍କୁ ଟ୍ରଫି ସହ ମାନପତ୍ର ପ୍ରଦାନ କରାଯାଇଥିଲା। ଜିଲା ଆଇନ ସେବା ପ୍ରାଧିକରଣର ସମ୍ପାଦିକା ଅଭିନନ୍ଦିତା ପଣ୍ଡା ଏହାକୁ ପରିଚାଳନା କରିଥିଲେ। ପ୍ରାଧିକରଣର ସମସ୍ତ କର୍ମକର୍ତ୍ତା ଓ ପାରାଲିଗାଲ୍ ଭଲ୍ୟୁଣ୍ଟରମାନେ ଏଥିରେ ସହଯୋଗ କରିଥିଲେ।



ରେଙ୍ଗାଳି ଡ୍ୟାମ୍ରୁ ଗୋଟିଏ ଗେଟ୍ ଦେଇ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ ହେଉଛି।

# ରେଙ୍ଗାଳି ଡ୍ୟାମ୍ର ଗୋଟିଏ ଗେଟ୍ ଖୋଲା

କଣିହାଁ, ୮।୯(ଡି.ଏନ.ଏ.)

ଅନୁଗୋଳ ଜିଲା କଣିହାଁ ବ୍ଲକସ୍ଥିତ ରେଙ୍ଗାଳି ଡ୍ୟାମ୍ରୁ ରବିବାର ଚଳିତ ବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ ହୋଇଛି। ପୂର୍ବାହ୍ନ ୯ଟା ୧୦ରେ ଡ୍ୟାମ୍ର ଗୋଟିଏ ଗେଟ ଖୋଲାଯାଇଛି। ଏହି ନଦୀବନ୍ଧର ଜଳଧାରଣ କ୍ଷମତା ୧୨୩.୫୦ ମିଟର ରହିଥିବାବେଳେ ବର୍ଷା ଯୋଗୁ ଜଳସ୍ତର ୧୨୨.୮୫ ମିଟରରେ ପହଞ୍ଚିଥିଲା। ବ୍ରାହ୍ମଣୀ ନଦୀ ଅବବାହିକା ଯନ୍ତ୍ରୀ ଓ କର୍ମଚାରୀଙ୍କ ଉପସ୍ଥିତିରେ ଡ୍ୟାମ୍ର ୭ ନମ୍ବର ଗେଟ୍କୁ ଖୋଲାଯାଇଛି। ରେଙ୍ଗାଳି ନଦୀବନ୍ଧ ନିର୍ବାହୀ ଯନ୍ତ୍ରୀ ଅଜିତ କୁମାର ଜେନାଙ୍କ ସୂଚନାରୁ ଜଣାଯାଏ, ପ୍ରତି ସେକେଣ୍ଡରେ ଡ୍ୟାମକୁ ୧୦୯୫.୧୮ ଘନମିଟର ଜଳ ପ୍ରବେଶ କରୁଛି। ବିଦ୍ୟୁତ୍ ଉତ୍ପାଦନରେ ବ୍ୟବହାର ଓ ଗୋଟିଏ ଗେଟ୍ ଦେଇ ନିଷ୍କାସନ ହେଉଥିବା ଜଳର ମାତ୍ରା ପ୍ରତି ସେକେଣ୍ଡରେ ୨୦୦୬.୩୬ ଘନଫୁଟ ରହିଛି। ସେହିପରି ରେଙ୍ଗାଳି ନଦୀବନ୍ଧର ତଳମୁଣ୍ଡରେ ସମଲ ଆନିକଟର ୫ଟି ଗେଟ ୪ ମିଟର ପର୍ଯ୍ୟନ୍ତ ଖୋଲାଯାଇଛି। ଆନିକଟ ନିର୍ବାହୀଯନ୍ତ୍ରୀ ବିଶ୍ୱମୋହନ ବରାଲ କହିଛନ୍ତି, ରେଙ୍ଗାଳି ଡ୍ୟାମ୍ ଜଳ ସହ ଟିକିରା, ସମାକୋଇ ଓ ସିଙ୍ଗିଡା ଯୋର ବନ୍ୟାଜଳ ମିଶି ଆନିକଟକୁ ପ୍ରତି ସେକେଣ୍ଡରେ ୨୮୩୦ ଘନମିଟର ପ୍ରବେଶ କରୁଛି। ସେହିପରି ଖୋଲାଯାଇଥିବା ଆନିକଟର ୫ ଗେଟ୍ ଦେଇ ୨୮୪୦ ଘନମିଟର ଜଳ ନିଷ୍କାସିତ ହେଉଛି।

## ଆବାସ ଯୋଜନାରେ ଦୁର୍ନୀତି ଘଟଣା

# ପ୍ରାଥମିକ ତଦନ୍ତ ପରେ କାଗଜପତ୍ର ଖୋଳତାଡ଼

ଅନୁଗୋଳ ଅଫିସ, ୮।୯

ଅନୁଗୋଳ ବ୍ଲକ ବେଡ଼ାଶାସନ ପଞ୍ଚାୟତର ଦୁଇଟି ଗାଁରେ ଆବାସ ଯୋଜନାରେ ଦୁର୍ନୀତି ହୋଇଥିବା ନେଇ ବିଡିଓଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ଅନୁଗୋଳ ବିଡିଓ ୪ ଜଣିଆ ଟିମ୍ ଗଠନ କରି ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପ୍ରାଥମିକ ରିପୋର୍ଟରେ ଆବାସ ଯୋଜନାରେ ଦୁର୍ନୀତି ଗନ୍ଧ ବାରି ହୋଇପଡ଼ିବା ପରେ ଏବେ କାର୍ଯ୍ୟାଳୟରେ ଉକ୍ତ ପଞ୍ଚାୟତର କାଗଜପତ୍ର ଯାଞ୍ଚ ଚାଲିଛି। ଯାଞ୍ଚ ସରିବା ପରେ ଗଢ଼ା ଯାଇଥିବା ଟିମ୍ ଗ୍ରାଉଣ୍ଡ ଜିରୋକୁ ଯାଇ ତଦନ୍ତ କରିବ ବୋଲି ବିଡିଓ ମାୟାଧର ବେହେରା କହିଛନ୍ତି।

ଅନୁଗୋଳ ବେଡ଼ାଶାସନ ପଞ୍ଚାୟତରେ ଆବାସ ଯୋଜନାର ଗୋଟିଏ ଘଟଣାରେ ଦୁର୍ନୀତି ହୋଇଥିବା ଆଭାସ ମିଳିଛି। ୨୦୧୩-୧୪ରେ ଜଣଙ୍କ ନାମରେ ଦୁଇ ଥର ଆବାସ ପ୍ରଦାନ କରାଯାଇଥିବା ପ୍ରାଥମିକ ତଦନ୍ତରୁ ସୂଚନା ମିଳିଛି। କିନ୍ତୁ ଦସ୍ତାବିଜ ଯାଞ୍ଚ ସରିବା ପରେ ସ୍ପଷ୍ଟ ହେବ ବୋଲି ବିଡିଓ ବେହେରା ସୂଚନା ଦେଇଛନ୍ତି। ଏଥିସହ ୨୦୧୯-୨୦ରେ ଉକ୍ତ ପଞ୍ଚାୟତରେ ପ୍ରଦାନ କରାଯାଇଥିବା ମୋଟ ୩୩ଟି ଘରର ଦସ୍ତାବିଜ୍ ମଧ ଯାଞ୍ଚ କରାଯାଉଛି। ଏହାପରେ ପଞ୍ଚାୟତ କାର୍ଯ୍ୟାଳୟରେ ଥିବା କାଗଜପତ୍ର ତନଖି କରାଯାଇ ଲୋକଙ୍କ ନିକଟରୁ ବୟାନ ରେକର୍ଡ କରାଯିବ। ଗୋଟିଏ ପରିବାରର ଏକାଧିକ ଲୋକ ଆବାସ ଯୋଜନାରେ ସାମିଲ ହେବା ଓ ଗୋଟିଏ ଲୋକ ଦୁଇଥର ଯୋଜନା ହାତେଇବା ଏକ ଆପରାଧିକ କାର୍ଯ୍ୟକଳାପ। ଏ ନେଇ ଉପଯୁକ୍ତ ପ୍ରମାଣ ମିଳିଲେ ଦାୟୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଥିସହ ହିତାଧିକାରୀଙ୍କୁ ମଧ ଏହି ଯୋଜନାରୁ ବାଦ୍ ଦିଆଯିବ ବୋଲି ବିଡିଓ ବେହେରା ପ୍ରକାଶ କରିଛନ୍ତି।

## ୧୧ରେ ହିଙ୍ଗୁଳା ପୀଠରେ ନୂଆଖାଇ

ତାଳଚେର,୮।୯(ନି.ପ୍ର.)

ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା’ ହିଙ୍ଗୁଳାଙ୍କ ପ୍ରସିଦ୍ଧ ନୂଆଖାଇ ପର୍ବ ତଥା ନବାନ୍ନ ପ୍ରସାଦ ଲାଗି ଆସନ୍ତା ୧୧ ତାରିଖ ବୁଧବାର ଅନୁଷ୍ଠିତ ହେବ। ଏଥିନିମନ୍ତେ ତାଳଚେର ରାଜାଙ୍କ ପ୍ରତିନିଧି ରାଜେନ୍ଦ୍ର କୁମାର ସିଂହଙ୍କ ଅଧକ୍ଷତାରେ ଏକ ବୈଠକ ଗୋପାଳପ୍ରସାଦସ୍ଥିତ ହିଙ୍ଗୁଳା ପୀଠରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଠାକୁରାଣୀଙ୍କ ଟ୍ରଷ୍ଟ ବୋର୍ଡ ଅଧକ୍ଷ ତଥା ସ୍ଥାନୀୟ ଉପଜିଲାପାଳ ପରେଶ ଚନ୍ଦ୍ର ନାୟକ ଉପସ୍ଥିତ ଥିଲେ। ପଣ୍ଡିତ ସୁରେଶ ଧର ପଞ୍ଜିକା ଦେଖି ନୂଆଖାଇ ପର୍ବର ସମୟ ନିର୍ଣ୍ଣୟ କରିଥିଲେ। ୧୧ ତାରିଖ ପୂର୍ବାହ୍ନ ୧୧ ଘଟିକାରେ ମା’ଙ୍କ ଠାରେ ପୂଜାର୍ଚ୍ଚନା କରାଯିବା ସହ ଅପରାହ୍ନ ୧ଟାରେ ନବାନ୍ନ ପ୍ରସାଦ ଲାଗି କରାଯିବ। ଏହି ବୈଠକରେ ଠାକୁରାଣୀଙ୍କ ପୂଜକ କିଶୋର ଚନ୍ଦ୍ର ଦେହୁରୀ, ସେବାୟତ ଡିଲେଶ୍ୱର ସାମଲ, ବୁଦ୍ଧେଶ୍ୱର ଦ୍ୱିବେଦୀ, ବାଉରୀବନ୍ଧୁ ସାମଲଙ୍କ ସହ ବହୁ ସେବାୟତ ଉପସ୍ଥିତ ଥିଲେ।

# ଉତ୍କଳ କରାଟେ ସ୍କୁଲର ପ୍ରତିଷ୍ଠା ଦିବସ



ଶାଖା କର୍ମକର୍ତ୍ତାଙ୍କ ସହ କୃତୀ ଛାତ୍ରୀଛାତ୍ର।

ବଅଁରପାଳ, (ଡି.ଏନ୍.ଏ.) ୮।୯

ନାଲକୋ ଠାରେ ଥିବା ଉତ୍କଳ କରାଟେ ସ୍କୁଲ ଅନୁଗୋଳ ଶାଖାର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ପ୍ରଶିକ୍ଷକ ଜୟଦେବ ପଟ୍ଟନାୟକଙ୍କ ନେତୃତ୍ୱରେ ଏହି ପ୍ରତିଷ୍ଠା ଦିବସ ପାଳିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ନାଲ୍କୋ କର୍ମଚାରୀ ସଂଘର କାର୍ଯ୍ୟକାରୀ ସଭାପତି ହରିଶଙ୍କର ପଣ୍ଡା, ସମ୍ପାଦକ ଶ୍ରୀକାନ୍ତ ପ୍ରଧାନ ଓ ନାଲ୍କୋର ସିନିୟର ମ୍ୟାନେଜର ରଥୁ ମହନ୍ତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ସ୍କୁଲର ଛାତ୍ରୀଛାତ୍ରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍କୁଲ ପ୍ରତିଷ୍ଠାତା ସଦସ୍ୟ କିରଣବାଳା ବିଶ୍ୱାଳ, ସର୍ବଦାଶୀ ପଟ୍ଟନାୟକ, ତୁଷାର ରଞ୍ଜନ ବିଶ୍ୱାଳ, ବିଜୟ ଦଳ ବେହେରା, ବିଜୟ ସାମଲ, ପ୍ରଶାନ୍ତ ସାହୁ, କଷ୍ଟୁ ସାହୁ, ସରୋଜ କୁମାର ପରିଡ଼ା, ଟିମ୍ ମ୍ୟାନେଜର ଅଶୋକ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଜଗଜିତି ପଟ୍ଟନାୟକ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ୨୧୨ ୟୁନିଟ୍ ରକ୍ତ ସଂଗ୍ରହ



ଶିବିରରେ ରକ୍ତ ସଂଗ୍ରହ କରାଯାଉଛି।

ଅନୁଗୋଳ ଅଫିସ, ୮।୯

ଅନୁଗୋଳର ସାମାଜିକ କର୍ମୀ ସଙ୍ଗଠନ ସ୍ପନ୍ଦନ ପକ୍ଷରୁ ଓ ୟୁଥ୍ ରେଡକ୍ରସ, ସରସ୍ୱତୀ ବିଦ୍ୟାମନ୍ଦିର ନାଲକୋନଗର ସହଯୋଗରେ ଏକ ରକ୍ତଦାନ ଶିବିର ସରସ୍ୱତୀ ବିଦ୍ୟାମନ୍ଦିର ନାଲକୋନଗର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ନାଲ୍କୋ ନିର୍ବାହୀ ନିର୍ଦ୍ଦେଶକ ମନସା ପ୍ରସାଦ ମିଶ୍ର ଉଦ୍ଘାଟନ କରିଥିଲେ। ସ୍କୁଲ ସଭାପତି ଅମିୟ କୁମାର ସ୍ୱାଇଁ ନିଜେ ରକ୍ତଦାନ କରିବା ସହିତ ଅନ୍ୟମାନଙ୍କୁ ଉତ୍ସାହିତ କରିଥିଲେ। ସ୍କୁଲ ଅଧକ୍ଷ ଡ. ଶତ୍ରୁଘ୍ନ ବେହେରା ଓ ଉପାଧକ୍ଷ ଡ. ସିଦ୍ଧନାଥ ସାହୁ ମଧ ରକ୍ତଦାତାଙ୍କୁ ପ୍ରେରଣା ଯୋଗାଇଥିଲେ। ଏହି ଶିବିରରେ ମୋଟ୍ ୨୧୨ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ୟୁଥ୍ ରେଡକ୍ରସ ସରସ୍ୱତୀ ବିଦ୍ୟାମନ୍ଦିର ସଞ୍ଚାଳକ ଅଧାପକ ବିଚିତ୍ରାନନ୍ଦ ନାୟକ ଓ ୟୁଥ୍ ରେଡକ୍ରସର ସାମାଜିକ କର୍ମୀ, ସ୍କାଉଟ୍ସ ଓ ଗାଇଡ୍ସ ସାମାଜିକ କର୍ମୀ, ଏନ୍ସିସି ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକମାନେ ଉପସ୍ଥିତ ଥିଲେ। ସ୍ପନ୍ଦନର ସାମାଜିକ କର୍ମୀ ଦୁର୍ଯ୍ୟୋଧନ ସାହୁ, ଅଜିତ କୁମାର ଖୁଣ୍ଟିଆ, ସୌମ୍ୟରଞ୍ଜନ ସାହୁ, ଅଜିତ କୁମାର ସାହୁ, ଜଗଦିଶ ଗାହାଣ, ଜଗଦାନନ୍ଦ ପଣ୍ଡା, ବିଭୁ ଶତପଥୀ ପ୍ରମୁଖ ସହଯୋଗ କରିଥିଲେ। ବ୍ଲଡ ବ୍ୟାଙ୍କ ଅନୁଗୋଳର ବାବୁଲି ସାହୁ ଓ ଅନ୍ୟ କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ। ସ୍ପନ୍ଦନ ସମ୍ପାଦକ ଦୀପକ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ମହାରାଜା ବସ୍ ଦୁର୍ଘଟଣାକୁ ୩ ବର୍ଷ

# ସମୟ ବିତିଛି, ସୁଧୁରିନି କିଛି

(ମନୋଜ କୁମାର ପ୍ରଧାନ) ମାଧପୁର, ୮।୯

ଅନୁଗୋଳ ଜିଲା ଆଠମଲ୍ଲିକଠାରେ ଘଟିଥିବା ମହାରାଜା ବସ୍ ଦୁର୍ଘଟଣାକୁ ପୂରିଛି ୩ ବର୍ଷ। ୨୦୧୬ ସେପ୍ଟେମ୍ବର ୯ରେ ପୁରୁଣାମାଣତ୍ରୀ ପୋଲ ତଳକୁ ଏହି ବସ୍ ଖସି ୧୯ ଜଣଙ୍କ ଜୀବନ ଦୀପ ଲିଭିଯାଇଥିଲା। ବର୍ଷ ପରେ ବର୍ଷ ବିତିଯାଇଥିଲେ ବି ଏହି ଦୁର୍ଘଟଣା ଏବେ ବି ଆଠମଲ୍ଲିକବାସୀଙ୍କ ମନରେ ତାଜାହୋଇ ରହିଛି। ଚାଳକଙ୍କ ବେପରୁଆ ଗାଡ଼ିଚାଳନା, ଓଭରଲୋଡିଂ ଯୋଗୁ ଅକାଳରେ ଏତେ ସଂଖ୍ୟକ ଲୋକଙ୍କ ପ୍ରାଣହାନି ସେତେବେଳେ ପ୍ରଶାସନର ଅପାରଗତାକୁ ପଦାରେ ପକାଇ ଦେଇଥିଲା। ତେବେ ଦୁର୍ଘଟଣା ପରେ ଚେଇଁ ଉଠିଥିବା ପ୍ରଶାସନ, ପରିବହନ ବିଭାଗ ପକ୍ଷରୁ ହଠାତ୍ ସମସ୍ତ ନିୟମକୁ କଡ଼ାକଡ଼ି କରାଯାଇଥିଲା। ଆଗକୁ ଏପରି ଦୁର୍ଘଟଣା ଯେପରି ନ ଘଟେ ସେଥିପାଇଁ ସମସ୍ତ ପଦକ୍ଷେପ ନିଆଯିବ ବୋଲି ପରିବହନ ବିଭାଗ ସହ ପ୍ରଶାସନ ପକ୍ଷରୁ ବଡ଼ ବଡ଼ ପ୍ରତିଶ୍ରୁତି ମିଳିଥିଲା। ହେଲେ କେବଳ ସମୟ ବିତିଛି ସିନା ଯାନବାହନ ଚଳାଚଳଜନିତ ସମସ୍ୟା ଏବେ ବି ସୁଧୁରିପାରି ନ ଥିବା ନେଇ କ୍ଷୋଭ ପ୍ରକାଶ କରିଛନ୍ତି ଆଠମଲ୍ଲିକବାସୀ।



୨୦୧୬ ସେପ୍ଟେମ୍ବର ୯ରେ ପୁରୁଣାମାଣତ୍ରୀ ପୋଲ ତଳକୁ ଖସି ପଡ଼ିଥିବା ମହାରାଜା ବସ୍ ।

### ଅସୁରକ୍ଷିତ ଛାତ୍ରୀଛାତ୍ର



ମହାରାଜା ବସ୍ରେ କଲେଜ ଯାଉଥିବାବେଳେ ଦୁର୍ଘଟଣା ଘଟିଥିଲା। ଏଥିରେ ମୋ ହାତ ଭାଙ୍ଗି ଯାଇଥିଲା। ବସ୍ରେ ନିର୍ଦ୍ଧାରିତ ଯାତ୍ରୀଙ୍କଠାରୁ ଅଧିକ ଲୋକଙ୍କୁ ପରିବହନ କରାଯିବା ଦୁର୍ଘଟଣାର ଅନ୍ୟତମ ମୁଖ୍ୟ କାରଣ ଥିଲା। ଏହା ପରେ ବି କିଛି ସୁଧୁରିନି। ହାତଗଣତି ବସ୍ରେ ମାଧପୁର, କିଆକଟା, ବିନିକେୟୀ ଅଞ୍ଚଳରୁ ଛାତ୍ରୀଛାତ୍ରମାନେ ଅସୁରକ୍ଷିତ ଭାବେ ଦୈନିକ ଆଠମଲ୍ଲିକ କଲେଜ ଆସୁଛନ୍ତି। ଓଭରଲୋଡିଂ ନ ହେବା ଦିଗରେ ପ୍ରଶାସନ ଦୃଷ୍ଟି ଦେବା ଜରୁରୀ।

–ଅମର ପ୍ରଧାନ,କୁନ୍ଦନାଳୀ

### ମରାମତି ହେଉନି ରାସ୍ତା



ଚାଳକଙ୍କ ବେପରୁଆ ଗାଡ଼ିଚାଳନା ଯୋଗୁ ଏତେବଡ ଦୁର୍ଘଟଣା ଘଟିଗଲା। ପ୍ରାଣ ହରାଇଥିବା ୧୯ ଲୋକଙ୍କ ମଧରେ ବାପା ବି ଥିଲେ। କ୍ଷତିପୂରଣ ପାଇଁ ପ୍ରଶାସନ ଦେଇଥିବା ପ୍ରତିଶ୍ରୁତି ଏଯାଏ ପୂରଣ ହୋଇନାହିଁ। ଆଜି ପର୍ଯ୍ୟନ୍ତ ବୀମା ଟଙ୍କା ମିଳିପାରୁନାହିଁ। ଏବେ ବି ଅନେକ ବସ୍ ବେଆଇନ ଭାବେ ଚଳାଚଳ କରୁଛି। ରାସ୍ତା ଅବସ୍ଥା ଖରାପ ଥିଲେ ବି ତାହାର ସମାଧାନ କରାଯାଉ ନାହିଁ।

–ଭୀମସେନ ମହାକୁଡ଼

### ଯାଞ୍ଚ କଡ଼ାକଡି ହେଉ





ମହାରାଜା ବସ୍ ଦୁର୍ଘଟଣାରେ ୧୯ ଲୋକଙ୍କ ଜୀବନ ଚାଲିଗଲା। ସେତେବେଳେ ପ୍ରଶାସନ ବେଶ୍ ତତ୍ପରତା ଦେଖାଇଥିଲା। ହେଲେ ସମୟ କ୍ରମେ ପୁଣି ଅବ୍ୟବସ୍ଥା ଜାରି ରହିଛି। ବିପଦସଙ୍କୁଳ ଅବସ୍ଥାରେ ଯାତ୍ରୀମାନେ ଯା’ଆସ କରୁଛନ୍ତି। ତେଣୁ ସବୁ ରାସ୍ତାରେ ପୋଲିସ ଓ ପରିବହନ କର୍ମଚାରୀ ଜଗି ରହି ବସ୍ଗୁଡିକର ଯାଞ୍ଚ କଡ଼ାକଡ଼ି କରିବା ଦରକାର।

–ଅମରେଶ ଷଡ଼ଙ୍ଗୀ, ମାଧପୁର/ରମେଶ ପ୍ରଧାନ, ପୁରୁଣାମାଣତ୍ରୀ

### ଅଧିକ ବସ୍ର ସୁବିଧା କରାଯାଉ





ଅଳ୍ପ ସଂଖ୍ୟକ ବସ୍ ଥିବାରୁ ଅଧିକ ସଂଖ୍ୟାରେ ଯାତ୍ରୀ ସେଥିରେ ଯିବାଆସିବା କରୁଛନ୍ତି। ଫଳରେ ଅନେକ ସମୟରେ ଓଭରଲୋଡିଂ ଦୁର୍ଘଟଣାର କାରଣ ହେଉଛି। ବିଭାଗ ତଥା ସରକାରଙ୍କ ପକ୍ଷରୁ ଏ ଦିଗରେ ଦୃଷ୍ଟି ଦିଆଯାଇ ଆଠମଲ୍ଲିକରେ ଅଧିକ ସଂଖ୍ୟକ ବସ୍ ଚଳାଚଳର ସୁବିଧା କରାଯାଉ।

–ଇଂ. ଆଭାସ କୁମାର କ୍ଷେତୀ, ଆଠମଲ୍ଲିକ

–ଦେବେନ୍ଦ୍ର ପ୍ରଧାନ, ସଭାପତି, କୃଷକ ମହାସଂଘ ଆଠମଲ୍ଲିକ ଶାଖା



ଯାତ୍ରୀଙ୍କ ସୁରକ୍ଷିତ ଯାତାୟାତ ଉପରେ ଧ୍ୟାନ ଦିଆଯିବ। ମାସେ ହେଲା ଉପଜିଲାପାଳ ଭାବେ ଦାୟିତ୍ୱ ନେଇଛି। ଲୋକଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ପଦକ୍ଷେପ ନିଆଯିବ।

–ରଜନୀକାନ୍ତ ବିଶ୍ୱାଳ, ଆଠମଲ୍ଲିକ ଉପଜିଲାପାଳ



Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ